ମୃତ୍ତିକା ପରୀକ୍ଷା

କାହିଁକି ?

୧. ମାଟିର ଉର୍ବରତାର ସଠିକ୍ ନିରୁପଣ ହୁଏ । (ମାଟିର କିସମ ଓ ଗୁଣ ଜଣାପଡେ)

୨. ଉର୍ବରତାର ଶ୍ରେଣୀ ଅନୁସାରେ ଲଗାଇବା ଫସଲରେ ଆବଶ୍ୟକୀୟ ରାସାୟନିକ ସାରର ପରିମାଣ ନିର୍ଦ୍ଧାରିତ ହୁଏ ।

୩. ମୂଲ୍ୟବାନ ସାରର ଅନାବଶ୍ୟକ ବ୍ୟବହାରକୁ ରୋକାଯାଇପାରେ ।

୪ ସମସ୍ୟା ବହୁଳ ମାଟି (କ୍ଷାରୀ ଏବଂ ଅମ୍ଳ) ଇତ୍ୟାଦି ମାଟିର ସଂଶୋଧନ କରାଯାଏ ।

୫. ବିଭିନ୍ନ ଫସଲରେ ଅନୁମୋଦିତ ସାର ବ୍ୟବହାରରେ ସହାୟକ ହୁଏ ।

କେଉଁ ସମୟରେ ?

୧. ପରବର୍ତ୍ତୀ ଫସଲ ଲଗାଇବା ଏବଂ ସାର ପ୍ରୟୋଗ ପୂର୍ବରୁ କରାଯାଏ ।

୨. ଫସଲର ଅମଳ ପରେ ଚାଷ ହୋଇ ନଥିବା ବତର ଜମିରୁ ମାଟିର ନମୁନା ସଂଗ୍ରହ ହୁଏ ।

୩. ସାର ପ୍ରୟୋଗ କରିବାର ଅଳ୍ପ ଦିନ ମଧ୍ୟରେ ନମୁନା ମାଟି ସଂଗ୍ରହ କରିବା ଅନୁଚିତ୍ ।

୪. ଦରକାର ସ୍ଥଳେ ଫସଲର ପାଚିବା ଅବସ୍ଥାରେ ଧାଡି ମଝିରୁ ମଧ୍ୟ ନମୁନା ସଂଗ୍ରହ କରାଯାଇପାରେ ।

ନମୁନା ମାଟି ସଂଗ୍ରହ ପ୍ରଣାଳୀ

୧) ଆବଶ୍ୟକୀୟ ଉପକରଣ: କ) ମାଟି ଖୋଳିବା ପାଇଁ କୋଦାଳ ବା ଫାଉଡା

ଖ) ମାଟି ରଖିବା ପାଇଁ ଓସାରିଆ ମୁହଁଥିବା ପାତ୍ର /ବାଲଟି

ଗ) ୫୦୦ ଗ୍ରାମ ମାଟି ଧରିବା ପାଇଁ କନାମୁଣି ବା ପଲିଥିନ୍ ମୁଣି ।

୨) ନମୁନା ମାଟିର ଚଉହଦି ନିର୍ଣ୍ଣୟ : ଗୋଟିଏ ଜାଗା - ଯଦି ଏହା ମଧ୍ୟରେ : -

କେତେଖଣ୍ଡ ଜମିର

- ମାଟି ଏକାପରି ଦେଖାଯାଉଥାଏ ।
- ପତନ ବା ଉଚ୍ଚତା ଏକ ଥାଏ ।
- ପୂର୍ବଫସଲ ଯଦି ଏକା ହୁଏ । ଫସଲ ସବୁଆଡେ ସମାନ ବଢିଥାଏ ।
- ସେହି ଫସଲ ଗୁଡିକରେ ଏକପ୍ରକାର ସାର ଖତ ପ୍ରୟୋଗ ହୋଇଥାଏ । ତାହାହେଲେ ସେପରି କିଆରି ଗୁଡିକୁ ଗୋଟିଏ ଚଉହଦୀ ହିସାବରେ ଧରି ଗୋଟିଏ ନମୁନା ମାଟି ସଂଗ୍ରହ କରାଯାଏ । ପ୍ରତ୍ୟେକ ଚଉହଦିରୁ ୫ ରୁ ୧୦ଟି ସ୍ଥାନରେ ମାଟି ଖୋଳିବାକୁ ପଡେ ଏବଂ ସେଗୁଡିକୁ ମିଶାଇ ସେଥିରୁ ୧ ଟି ନମୁନା ତିଆରି କରାଯାଏ ।

୩) ସ୍ଥାନ ନିରୂପଣ : -

କ) ହିଡ ଧାରରୁ ୨ ଫୁଟ ପର୍ଯ୍ୟନ୍ତ ବାଦ ଦିଅନ୍ତୁ ।

ଖ) ଗଛ ତଳ, ଖତଗଦା, ନିକଟବର୍ତ୍ତୀ ସ୍ଥାନକୁ ବାଦ ଦିଅନ୍ତୁ ।

ଗ) ଖାଲୁଆ ପାଣି ଜମୁଥିବା ସ୍ଥାନକୁ ବାଦ ଦିଅନ୍ତୁ ।

ଘ) ସାର ପ୍ରୟୋଗ ହୋଇଥିବା ଧାଡି ଇତ୍ୟାଦିକୁ ବାଦ ଦେଇ ମାଟି ନେବାର ସ୍ଥାନ ନିରୁପଣ କରନ୍ତୁ ।

୪) ଗଭୀରତା : -

କ) ୬" - ୯" ଗଭୀରତାର ମାଟି ସଂଗ୍ରହ କରନ୍ତୁ ।

ଖ) ଫଳଗଛ ଫସଲ ଇତ୍ୟାଦିରେ ୩ଫୁଟ ଗଭୀରର ମାଟି ନିଅନ୍ତୁ ।